**ଭାରତର ବୈଦେଶିକ ମନ୍ତ୍ରୀଙ୍କର ଚୀନ ଗସ୍ତ ଏବଂ ଚୀନ୍‌ର ବୈଦେଶିକ ମନ୍ତ୍ରୀଙ୍କ ସହ ତାଙ୍କର ସାକ୍ଷାତ ଆଲୋଚନା**

ଜୁଲାଇ 14, 2025

ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ୍. ଜୟଶଙ୍କର ଚୀନ ଗସ୍ତ ସମୟରେ ବେଜିଙ୍ଗରେ 14 ଜୁଲାଇ 2025 ରେ ଚୀନ୍‌ର ବୈଦେଶିକ ମନ୍ତ୍ରୀ ତଥା CPC ପଲିଟବ୍ୟୁରୋର ସଦସ୍ୟ ମାନ୍ୟବର ଶ୍ରୀ ୱାଙ୍ଗ ୟିଙ୍କ ସହିତ ଏକ ଦ୍ୱିପାକ୍ଷିକ ବୈଠକ କରିଥିଲେ।

2. ବୈଠକରେ ମନ୍ତ୍ରୀଦ୍ୱୟ ଭାରତ-ଚୀନ୍ ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରିଥିଲେ। ସେମାନେ ଏହି ବର୍ଷ କୂଟନୈତିକ ସମ୍ପର୍କ-ସ୍ଥାପନର 75ତମ ବାର୍ଷିକୀ ପାଳନ କରିବା ଅବସରରେ ସମୁଚିତ ପଦକ୍ଷେପ ସହିତ ଜନ-କେନ୍ଦ୍ରିତ ସମ୍ବନ୍ଧକୁ ପ୍ରାଥମିକତା ପ୍ରଦାନ କରି ଉଭୟ ଦେଶର ସଂପର୍କକୁ ସ୍ଥିର କରିବା ଓ ପୁନର୍ଗଠନ କରିବା ଦିଗରେ ଉଭୟ ପକ୍ଷ ଦ୍ୱାରା ନିକଟରେ ହୋଇଥିବା ପ୍ରଗତି ଉପରେ ଗୁରୁତ୍ୱ ଆରୋପ କରିଥିଲେ। କୈଳାସ ମାନସରୋବର ଯାତ୍ରା ପୁଣି ଥରେ ଆରମ୍ଭ କରିବା ଦିଗରେ ଚୀନ୍ ପକ୍ଷର ସହଯୋଗକୁ ଆମର ବିଦେଶ ମନ୍ତ୍ରୀ ପ୍ରଶଂସା କରିଥିଲେ। ଉଭୟ ଦେଶର ଲୋକମାନଙ୍କ ମଧ୍ୟରେ ଆପୋଷ ସମ୍ବନ୍ଧ ବୃଦ୍ଧି ପାଇଁ ଦୁଇ ପକ୍ଷ ପରସ୍ପରର ଦେଶକୁ ଯାତ୍ରା କରିବା ଏବଂ ସିଧାସଳଖ ଫ୍ଲାଇଟ୍ ସଂଯୋଗ ସମେତ ଅତିରିକ୍ତ ବ୍ୟାବହାରିକ ପଦକ୍ଷେପ ନେବା ପାଇଁ ସହମତ ହୋଇଥିଲେ।

3. ଭାରତର ବୈଦେଶିକ ମନ୍ତ୍ରୀ ଦ୍ୱିପାକ୍ଷିକ ସମ୍ପର୍କର ଅଭିବୃଦ୍ଧି ପାଇଁ ଉଭୟ ଦେଶର ସୀମା ଅଞ୍ଚଳରେ ଶାନ୍ତି ଓ ସ୍ଥିରତାର ସକାରାତ୍ମକ ପ୍ରଭାବ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ଏବଂ ଦ୍ୱନ୍ଦ୍ୱ-ହ୍ରାସ ଓ ସୀମା ପରିଚାଳନା ପାଇଁ ନିରନ୍ତର ପ୍ରୟାସ ଉପରେ ଆଲୋକପାତ କରିଥିଲେ। ଚୀନ୍ ତରଫରୁ ହାଇଡ୍ରୋଲୋଜିକାଲ୍ ଡାଟା ବ୍ୟବସ୍ଥାର ପୁନଃଆରମ୍ଭ ସମେତ ସୀମାପାର ନଦୀଗୁଡ଼ିକ କ୍ଷେତ୍ରରେ ସହଯୋଗର ଆବଶ୍ୟକତା ଉପରେ ସେ ଆଲୋଚନା କରିଥିଲେ। ସେ ଆର୍ଥିକ ସହଯୋଗ ଦିଗରେ ପ୍ରତିବନ୍ଧକ ହେଉଥିବା ବାଣିଜ୍ୟ ପ୍ରୟାସ ଏବଂ ମାର୍ଗ-ଅବରୋଧ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

4. ଉଭୟ ମନ୍ତ୍ରୀ ଆପୋଷ ସ୍ୱାର୍ଥ ନିହିତ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ସଫଳ SCO ଅଧ୍ୟକ୍ଷତା ପାଇଁ ଭାରତର ବୈଦେଶିକ ମନ୍ତ୍ରୀ ଚୀନ୍ କୁ ଭାରତର ସମର୍ଥନ ପ୍ରଦାନ କରିଥିଲେ।

5. ଆଲୋଚନା ଗଠନମୂଳକ ଏବଂ ଭବିଷ୍ୟତ-ଅଭିମୁଖୀ ଥିଲା। ଦ୍ୱିପାକ୍ଷିକ ଗସ୍ତ ଓ ବୈଠକ ମାଧ୍ୟମରେ ପରସ୍ପର ସହିତ ସମ୍ବନ୍ଧିତ ରହିବା ପାଇଁ ମନ୍ତ୍ରୀଦ୍ୱୟ ସହମତ ହୋଇଥିଲେ।

6. ଏହା ସହିତ ଭାରତର ବୈଦେଶିକ ମନ୍ତ୍ରୀ ଚୀନ୍‌ର ଉପ-ରାଷ୍ଟ୍ରପତି ମହାମହିମ ଶ୍ରୀ ହାନ ଝେଙ୍ଗଙ୍କୁ ମଧ୍ୟ ଭେଟିଥିଲେ ଏବଂ ଚୀନ୍‌ର କମ୍ୟୁନିଷ୍ଟ ପାର୍ଟିର ଅନ୍ତର୍ରାଷ୍ଟ୍ରୀୟ ବିଭାଗର ମନ୍ତ୍ରୀ ମାନ୍ୟବର ଶ୍ରୀ ଲିଉ ଜିଆଞ୍ଚାଓଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ବୈଦେଶିକ ମନ୍ତ୍ରୀ ଆସନ୍ତାକାଲି ବିଦେଶ ମନ୍ତ୍ରୀ ପରିଷଦର ବୈଠକ ପାଇଁ ତିଆଞ୍ଜିନ ଯାତ୍ରା କରିବେ ଏବଂ SCO ସମ୍ବନ୍ଧିତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ମଧ୍ୟ ଯୋଗ ଦେବେ।

ବେଜିଙ୍ଗ

ଜୁଲାଇ 14, 2025